
# ପାଠ 6



## ଶିକ୍ଷାର ଏକ କୈନ୍ଦ୍ରିକ ଲକ୍ଷ୍ୟ

***ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକମାନଙ୍କୁ ସୁରକ୍ଷା କରନ୍ତି***

## ବାଇବଲ କାହାଣୀ

***ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକମାନଙ୍କୁ ସୁରକ୍ଷା କରିବା ବିଷୟରେ ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ***

ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକମାନଙ୍କୁ ସୁରକ୍ଷା କରନ୍ତି

**ସୁସମ୍ବାଦ କାହାଣୀ ପୁସ୍ତିକା ତୃତୀୟ ଖଣ୍ଡ ।** ପୃଷ୍ଠା 2-27. *ଦୁଷ୍ଟ ରାଜା ।*

ଆପଣ *ସୁସମ୍ବାଦ କାହାଣୀ ପୁସ୍ତିକାର ତୃତୀୟ ଖଣ୍ଡରୁ* 'ଦୁଷ୍ଟ ରାଜା'ର କାହାଣୀ କହି ଏହା ଉପରେ ପିଲାଙ୍କ ସହିତ ଗୋଟିଏ ନାଟକ ପ୍ରସ୍ତୁତ କରନ୍ତୁ ।


**ଅଭିନୟକାରୀବର୍ଗ :** କାହାଣୀର ବକ୍ତା ତଥା ନିର୍ଦ୍ଦେଶକ (ଆପଣ ନିଜେ ଶିକ୍ଷକ ଭାବରେ) । ଦୁଷ୍ଟ ରାଜା (ପିଲାଙ୍କ ମଧ୍ୟରୁ ଜଣେ) । ମୋଶା (ପିଲାଙ୍କ ମଧ୍ୟରୁ ଜଣେ) । ହାରୋଣ (ପିଲାଙ୍କ ମଧ୍ୟରୁ ଜଣେ) । ତିନିଜଣ ଯାଦୁକର (ପିଲାଙ୍କ ମଧ୍ୟରୁ ତିନିଜଣ) । ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦ୍ୟେଶରେ ଗୀତ ଗାୟନ କରୁଥିବେ (ନାଟକରେ ଅଭିନୟ କରୁ ନ ଥିବା ସବୁ ପିଲା) ।

ଦୁଷ୍ଟ ରାଜାକୁ ସମସ୍ତଙ୍କ ଆଗରେ ବସିବାକୁ କହନ୍ତୁ । ବୁଝାଇଦିଅନ୍ତୁ, ପିଲାମାନଙ୍କ ଆଗରେ ଥିବା ସ୍ଥାନ ହେଉଛି, ଦୁଷ୍ଟ ରାଜାର ପ୍ରାସାଦ । ଦୁଷ୍ଟ ରାଜାର ପ୍ରାସାଦ ମଧ୍ୟକୁ ପ୍ରବେଶ କରିବା ପାଇଁ ପିଲାଙ୍କୁ ନିଷେଧ କରାଯାଇଛି । ମୋଶା ଓ ହାରୋଣଙ୍କୁ ପିଲାଙ୍କ ପାଖରେ ଠିଆ ହେବାକୁ ଦିଅନ୍ତୁ, ଯେପରି ପିଲାଏ ମୋଶା ଓ ହାରୋଣଙ୍କୁ ଦେଖିପାରିବେ । ଦୁଷ୍ଟ ରାଜାର ତିନୋଟି ଯାଦୁକରଙ୍କୁ ଉକ୍ତ ରାଜାର ପଛ ପଟେ, ସେଇ ପ୍ରାସାଦରେ ଠିଆ ହେବାକୁ ଦିଅନ୍ତୁ ।

ପିଲାମାନେ ସମସ୍ତେ ନାଟକରେ ଭାଗ ନେବେ । କାହାଣୀ ପଢ଼ି ଶୁଣାଇବା ସମୟରେ ଆପଣ ନିର୍ଦ୍ଦେଶନା ଦେବେ ଯେପରି ଯେଉଁ ପିଲାଙ୍କ ଅଭିନୟ କାହାଣୀରେ ଆସୁଥିବ, ସେମାନେ ପ୍ରସ୍ତୁତ ଥିବେ । ପିଲାମାନେ ସମସ୍ତେ ଅଭିନେତାଙ୍କ ଅଭିନୟ ଓ କଥା ମନ ଦେଇ ଶୁଣିବେ । ତା'ପରେ କାହାଣୀରେ ଅଭିନେତା ଯାହା କିଛି ଅଭିନୟ କରିଥିବେ ତଥା କହିଥିବେ, ସବୁ ପିଲାଏ ସେସବୁ କରିବେ ଓ କହିବେ ।

*ଉଦାହରଣ:* ପୃଷ୍ଠା 2-3 ରେ ଥିବା କାହାଣୀ ପଢ଼ି ଶୁଣାନ୍ତୁ । ଆପଣ (ଶିକ୍ଷକ) ପଢ଼ିବେ, 'ପିଲାମାନେ ଏହିପରି କହୁଥିବାର ମୁଁ ଶୁଣୁଛି, 'ସୃଷ୍ଟିକର୍ତ୍ତା ଈଶ୍ୱର, ଆମ୍ଭମାନଙ୍କୁ ଦୟା କରି ଉଦ୍ଧାର କରନ୍ତୁ ।' ଏହା ପଢ଼ି ଶୁଣାଇବା ପରେ ସୃଷ୍ଟିକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଗୀତ ଗାୟନ କରୁଥିବା ପିଲାଙ୍କୁ ନିର୍ଦ୍ଦେଶ କରନ୍ତୁ । ଯେଉଁ ପିଲାମାନେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାୟନ କରିବା ଅଭିନୟ କରୁଛନ୍ତି, ସେମାନେ କହନ୍ତୁ, 'ସୃଷ୍ଟିକର୍ତ୍ତା ଈଶ୍ୱର ଦୟା କରି ଆମ୍ଭମାନଙ୍କୁ ଉଦ୍ଧାର କରନ୍ତୁ ।'

# ପାଠ 6



## ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକମାନଙ୍କୁ ସୁରକ୍ଷା କରନ୍ତି

*ଉଦାହରଣ:* ପୃଷ୍ଠା 4-6 ରେ ଥିବା କାହାଣୀ ପଢ଼ି ଶୁଣାନ୍ତୁ । ଆପଣ (ଶିକ୍ଷକ) ପଢ଼ିବେ : 'ମୋଶା ଏକ ଜ୍ୱଳନ୍ତ ବୁଦା ଆଡ଼େ ଦୃଷ୍ଟିପାତ କରୁଥିବାର ମୁଁ ଦେଖି ପାରୁଛି !' ତା'ପରେ ମୋଶାଙ୍କ ଭୂମିକାରେ ଅଭିନୟ କରୁଥିବା ପିଲା ଆଡ଼କୁ ନିର୍ଦ୍ଦେଶ କରନ୍ତୁ । ପିଲାଟି ଏକ ଜ୍ୱଳନ୍ତ ବୁଦା ଆଡ଼କୁ ଛଳନାତ୍ମକ ରୂପରେ ବିସ୍ମିତ ହୋଇ ଅନାଇ ରହିବ ।

କାହାଣୀଟି ବାରମ୍ବାର ପଢ଼ି ଶୁଣାନ୍ତୁ । ତା'ପରେ ନାଟକରେ ଅଭିନୟ କରୁଥିବା ପିଲାକୁ ନିର୍ଦ୍ଦେଶ ଦିଅନ୍ତୁ । ଯାହା ଅଭିନେତା ନିଜ ଭୂମିକାରେ ଅଭିନୟ କରୁଥିବେ ଓ କହୁଥିବେ, ପିଲାଙ୍କୁ ସେହି ବିଷୟକୁ ଅଭିନୟ କରିବାକୁ ତଥା କହିବାକୁ ପଡ଼ିବ ।

1, 2, 3 ନାଟକ ଆରମ୍ଭ କରନ୍ତୁ...

କାହାଣୀଟି ପଢ଼ି, ଶୁଣାଇ ତଥା ଅଭିନୟ ମାଧ୍ୟମରେ ଉପସ୍ଥାପନ କରିସାରିବା ପରେ, ସେହି କାହାଣୀରୁ ପିଲାଙ୍କୁ ପ୍ରଶ୍ନ ପଚାରନ୍ତୁ । ଯଦି କୌଣସି ପିଲା ଭୁଲ୍ ଉତ୍ତର ଦିଏ, 'ଭଲ ଚେଷ୍ଟା କରିଛ' କହି ଉତ୍ସାହିତ କରନ୍ତୁ । 'ମୁଁ ସେହି ଉତ୍ତର ଅପେକ୍ଷା କରି ନ ଥିଲି କହନ୍ତୁ । ଯଦି ଜଣେ ପିଲା ସଠିକ୍ ଉତ୍ତର ଦେଇଥାଏ, 'ହଁ ବହୁତ ଭଲ !' କହନ୍ତୁ । ସଠିକ୍ ଉତ୍ତର ପାଇବା ଯାଏ ବାରମ୍ବାର ସେହି ପ୍ରଶ୍ନ ପଚାରନ୍ତୁ ।

ନିମ୍ନରେ ଦିଆଯାଇଥିବା କେତୋଟି ପ୍ରଶ୍ନ ଆପଣ ପଚାରି ପାରନ୍ତି ।

**ଦୁଷ୍ଟ ରାଜା କାହାକୁ ଘୃଣା କଲେ ?**
ଯେଉଁମାନେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାୟନ କରନ୍ତି, ସେ ପ୍ରତ୍ୟେକ ଜଣକୁ ।

**ସୃଷ୍ଟିକର୍ତ୍ତା ଈଶ୍ୱର, ଦୁଷ୍ଟରାଜା ନିକଟରୁ ତା'ଙ୍କ ଲୋକମାନଙ୍କୁ ମୁକ୍ତ କରିବା ପାଇଁ କାହାକୁ ପ୍ରେରଣ କରିଥିଲେ ?**
ମୋଶା ଓ ହାରୋଣଙ୍କୁ ।

**ସୃଷ୍ଟିକର୍ତ୍ତା ଈଶ୍ୱର ହାରୋଣଙ୍କୁ କ'ଣ କହିଥିଲେ ?**
ଆପଣା ଯଷ୍ଟିକୁ ତଳେ ପକାଅ ।

**ହାରୋଣ କ'ଣ କଲେ ?**
ହାରୋଣ ନିଜ ଯଷ୍ଟିକୁ ତଳେ ପକାଇ ଦେଲେ ।

**ହାରୋଣଙ୍କ ଯଷ୍ଟି ପ୍ରତି କ'ଣ ଘଟିଲା ?**
ହାରୋଣଙ୍କ ଯଷ୍ଟି ସର୍ପରେ ପରିଣତ ହେଲା ।

**ମୃତ୍ୟୁରୁ ସୁରକ୍ଷାର୍ଥେ ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକମାନଙ୍କୁ କ'ଣ କହିଥିଲେ ?**
ମେଷ ରକ୍ତ ଗୃହସବୁର ଦ୍ୱାରବନ୍ଧ ଉପରେ ଲଗାଅ ।


# ପାଠ 6





**ଏହି ଘଟଣାରୁ ଆମେ କ'ଣ ଶିକ୍ଷା ପାଉଛୁ?**

ସୃଷ୍ଟିକର୍ତ୍ତା ଈଶ୍ୱର ଆମ୍ଭମାନଙ୍କ ପ୍ରାର୍ଥନା ଶୁଣନ୍ତି, ଯେତେବେଳେ ଆମେ ତା'ଙ୍କୁ କହିଥାଉ । ସେ ତା'ଙ୍କ ଲୋକମାନଙ୍କୁ ସୁରକ୍ଷା ତଥା ଉଦ୍ଧାର ମଧ୍ୟ କରନ୍ତି ।



## ଅଭିନୟ ସଙ୍ଗୀତ

***ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକମାନଙ୍କୁ ସୁରକ୍ଷା କରିବା ବିଷୟରେ ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ***

ହଁ ଶକ୍ତି ଶକ୍ତି ଶକ୍ତି ଅଛି
ପ୍ରଭୁଙ୍କ ପ୍ରେମରେ
ହଁ ଶକ୍ତି ଶକ୍ତି ଶକ୍ତି ଅଛି
ବହୁମୂଲ୍ୟ ପ୍ରେମରେ

ହଁ ଶକ୍ତି ଶକ୍ତି ଶକ୍ତି ଅଛି
ପ୍ରଭୁଙ୍କ ଆତ୍ମାରେ
ହଁ ଶକ୍ତି ଶକ୍ତି ଶକ୍ତି ଅଛି
ବହୁମୂଲ୍ୟ ଆତ୍ମାରେ

## ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମରେ ଶିକ୍ଷା

***'ସ୍ରଷ୍ଟା ଈଶ୍ୱର ତା'ଙ୍କ ଲୋକମାନଙ୍କୁ ସୁରକ୍ଷା କରନ୍ତି' ଭାବଧାରାକୁ ଶିକ୍ଷା ଦେଉଥିବା ଦ୍ରଷ୍ଟବ୍ୟ-ବସ୍ତୁ ମାଧ୍ୟମକୁ ବ୍ୟବହାର କରନ୍ତୁ ।***

**ଉପକରଣ :** ଗୋଟିଏ ପିଲାକୁ ସମ୍ପୂର୍ଣ୍ଣ ଘୋଡ଼ାଇବା ଭଳି 'କମ୍ବଳ' ।

କ'ଣ ତୁମ୍ଭମାନଙ୍କର ସେହି କାହାଣୀ ମନେ ପଡୁଛି, ଦୁଷ୍ଟ ରାଜାର ସୈନ୍ୟବାହିନୀ କବଳରୁ ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଉଦ୍ଦେଶ୍ୟରେ ଗାୟନ କରୁଥିବା ଲୋକଙ୍କୁ ଉଦ୍ଧାର ତଥା ସେମାନଙ୍କୁ ସୁରକ୍ଷା କିପରି କରିଥିଲେ ?

ମୁଁ ତୁମ୍ଭମାନଙ୍କୁ ଦେଖାଇବାକୁ ଯାଉଛି, ତାହା କିପରି ହୋଇଥିବ । ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ପିଲାକୁ ଆଗକୁ ଡ଼ାକି ଆପଣଙ୍କ ପାଖରେ ଠିଆ ହେବାକୁ କହନ୍ତୁ ।

**ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକମାନଙ୍କୁ ସୁରକ୍ଷା କରନ୍ତି**


**ଏଇ କମ୍ବଳକୁ ଦେଖୁଛ ?** (ପିଲାମାନେ ଯେପରି ଦେଖିପାରିବେ, କମ୍ବଳକୁ ସେହିପରି ଖୋଲି ଧରନ୍ତୁ) । ପିଲାମାନେ ଉତ୍ତର ଦେବେ: ହଁ ।

ଏହାପରେ ସାହାଯ୍ୟ କରୁଥିବା ପିଲା ଉପରେ କମ୍ବଳ ନେଇ ସମ୍ପୂର୍ଣ୍ଣ ଭାବେ ଘୋଡ଼ାଇ ଦିଅନ୍ତୁ ।

ପିଲାଟିକୁ ପଚାରନ୍ତୁ, **'କମ୍ବଳ ଭିତରେ ପବନ ଯାତାୟତ ହେଉଥିବା ଜଣା ପଡୁଛି କି?'**
ପିଲାଟି ଉତ୍ତର ଦେବ : ନାହିଁ ।

ଠିକ୍ କମ୍ବଳପରି ସୃଷ୍ଟିକର୍ତ୍ତା ଈଶ୍ୱର ଆମକୁ ସୁରକ୍ଷା ବଳୟରେ ରଖନ୍ତି । ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ପ୍ରେମରେ ଆମକୁ ଆବୃତ କରି ଦୁଷ୍ଟ ଆତ୍ମା ତଥା ସମସ୍ତ ଦୁଷ୍ଟ ଶକ୍ତିର ପ୍ରକୋପରୁ ସୁରକ୍ଷା କରନ୍ତି ।

# ପାଠ 6



## ବାଇବଲ ମୁଖସ୍ଥ ପଦ ଧନ୍ଦା

***ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକଙ୍କୁ ସୁରକ୍ଷା କରନ୍ତି ବିଷୟ ଶିକ୍ଷା ଦେଉଥିବା ପଦ ବ୍ୟବହାର କରନ୍ତୁ ।***

'ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଅନ୍ୟ ନାମ ସଦାପ୍ରଭୁ,' ବିଷୟ ପିଲାଙ୍କୁ ବୁଝାଇ ଦିଅନ୍ତୁ ।

**ଯାତ୍ରା 14:14** *'ଏବଂ ତୁମ୍ଭମାନଙ୍କୁ କିଛି କରିବାକୁ ପଡ଼ିବ ନାହିଁ । ତୁମ୍ଭେମାନେ ଏଠାରେ ଶାନ୍ତିରେ ଛିଡ଼ା ହୁଅ । ସଦାପ୍ରଭୁ ତୁମ୍ଭମାନଙ୍କ ପାଇଁ ଯୁଦ୍ଧ କରିବେ ।'*

**ଉପକରଣ :** ଲେଖିବା ପାଇଁ କଳାପଟା ଓ ଚକ୍ ଖଡ଼ି ବା ମାଟି ଓ କାଠି ବା କାଗଜ ଓ ପେନ୍‌ସିଲ୍ ।

ମୁଖସ୍ଥ ପଦକୁ ଲେଖନ୍ତୁ, କହନ୍ତୁ ଏବଂ ଲେଖିବା ସମୟରେ ପିଲାମାନେ ପୁନରାବୃତ୍ତି କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ । ଯଦି ସେ ଯାଏ ପିଲାମାନେ ପଢ଼ିବା ଶିଖି ନାହାନ୍ତି, ମୁଖସ୍ଥ ପଦ ଲେଖିବାର କୌଣସି ଆବଶ୍ୟକତା ନାହିଁ । ବାଇବଲ ମୁଖସ୍ଥ ପଦରୁ କହିବାକୁ କହନ୍ତୁ ।

ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକମାନଙ୍କୁ ସୁରକ୍ଷା କରନ୍ତି

**ଶିକ୍ଷକ:** ଏବଂ ତୁମ୍ଭମାନଙ୍କୁ **ପିଲାମାନେ:** ଏବଂ ତୁମ୍ଭମାନଙ୍କୁ **ଶିକ୍ଷକ:** କିଛି କରିବାକୁ
**ପିଲାମାନେ:** କିଛି କରିବାକୁ **ଶିକ୍ଷକ:** ପଡ଼ିବ ନାହିଁ । **ପିଲାମାନେ:** ପଡ଼ିବ ନାହିଁ ।
**ଶିକ୍ଷକ:** ତୁମ୍ଭେମାନେ ଏଠାରେ **ପିଲାମାନେ:** ତୁମ୍ଭେମାନେ ଏଠାରେ **ଶିକ୍ଷକ:** ଶାନ୍ତିରେ ଛିଡ଼ା ହୁଅ ।
**ପିଲାମାନେ:** ଶାନ୍ତିରେ ଛିଡ଼ା ହୁଅ । **ଶିକ୍ଷକ:** ସଦାପ୍ରଭୁ **ପିଲାମାନେ:** ସଦାପ୍ରଭୁ **ଶିକ୍ଷକ:** ତୁମ୍ଭମାନଙ୍କ ପାଇଁ
**ପିଲାମାନେ:** ତୁମ୍ଭମାନଙ୍କ ପାଇଁ **ଶିକ୍ଷକ:** ଯୁଦ୍ଧ କରିବେ ।' **ପିଲାମାନେ:** ଯୁଦ୍ଧ କରିବେ ।'

ଯେକୌଣସି ସ୍ଥାନରୁ ତିନୋଟି ଶବ୍ଦ ଲିଭାଇ ଦିଅନ୍ତୁ । ଜଣେ ବାଳକକୁ ବାଛି ସେହି ତିନୋଟି ଶୂନ୍ୟସ୍ଥାନରେ ଉପଯୁକ୍ତ ଶବ୍ଦ ପୂରଣ କରିବାକୁ ଦିଅନ୍ତୁ, ଯଦ୍ଦ୍ୱାରା ସମସ୍ତେ ମୁଖସ୍ଥ ପଦ କହିପାରିବେ । ପୁନର୍ବାର ଆଉ ତିନୋଟି ଶବ୍ଦ ଲିଭାଇ ଦେଇ ଜଣେ ବାଳିକାକୁ ସେହି ଶୂନ୍ୟସ୍ଥାନସବୁ ସଠିକ୍ ଶବ୍ଦ ଦେଇ ପୂରଣ କରିବାକୁ କହନ୍ତୁ, ଯେପରି ସବୁ ପିଲା ମୁଖସ୍ଥ ପଦ କହିପାରିବେ ।

## ବ୍ୟବହାରିକ କାର୍ଯ୍ୟକାରିତା

***'ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କ ଲୋକଙ୍କୁ ସୁରକ୍ଷା କରନ୍ତି,' ଏହାର କାର୍ଯ୍ୟକାରିତାକୁ ଶିକ୍ଷା ଦେଉଥିବା ଭାବଧାରା ବ୍ୟବହାର କରନ୍ତୁ ।***

ଆମ୍ଭେମାନେ ଯେତେବେଳେ ଭୟଭୀତ ହେଉ, ସେହି ସମୟରେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ନିକଟରେ ଗାୟନ କରିବା ଦ୍ୱାରା ସେ ଆମର ସମସ୍ତ ଭୟ ଦୂର କରିଥାଆନ୍ତି । ଯେହେତୁ ସେ ଆମ୍ଭମାନଙ୍କୁ ସୁରକ୍ଷା କରନ୍ତି, ଆମ ଜୀବନରେ ଶାନ୍ତି ସୁପ୍ରତିଷ୍ଠିତ ରହିପାରିବ ।

**ପ୍ରାର୍ଥନା:** ସ୍ରଷ୍ଟା ଈଶ୍ୱର, ତୁମେ ମୋତେ ସମସ୍ତ ଦୁଷ୍ଟ ଆତ୍ମାର ଶକ୍ତି ତଥା ଦୁଷ୍ଟାତ୍ମାଠାରୁ ସୁରକ୍ଷା କରିଥିବାରୁ ମୁଁ ତୁମକୁ ଧନ୍ୟବାଦ ଅର୍ପଣ କରେ । ତୁମେ ମୋତେ ପ୍ରେମ କରୁଥିବାରୁ ମୁଁ ତୁମକୁ ଧନ୍ୟବାଦ ଦିଏ । ଆମେନ୍ ।

# ପାଠ 7



ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ଜୀବନ ଦିଅନ୍ତି

## ଶିକ୍ଷାର ଏକ କୈନ୍ଦ୍ରିକ ଲକ୍ଷ୍ୟ

***ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ଜୀବନ ଦିଅନ୍ତି***

## ବାଇବଲ କାହାଣୀ

***ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ଜୀବନ ପ୍ରଦାନ କରନ୍ତି, ବିଷୟ ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ***

**ସୁସମ୍ବାଦ କାହାଣୀ ପୁସ୍ତିକା ତୃତୀୟ ଖଣ୍ଡ ।** ପୃଷ୍ଠା 28-32. *ମେଷପାଳକ ପିଲା*

**ଉପକରଣ :** ଚିତ୍ର ଅଙ୍କନ କରିବା ପାଇଁ କଳାପଟା ଓ ଚକ୍ ଖଡ଼ି ବା ମାଟି ଓ କାଠି ବା ପେନ୍‌ସିଲ୍ ଓ କାଗଜ । ପିଲାଙ୍କ ପାଇଁ ଆଙ୍କିବା ପଟା ବା କାଗଜ, ପେନ୍‌ସିଲ୍ ଓ ଲିଭାଇବା ପାଇଁ ରବର୍ ।

ଚିତ୍ର ଅଙ୍କନ କରି କାହାଣୀ କହି ଶୁଣାନ୍ତୁ ।

1, 2, 3 କାହାଣୀ ଆରମ୍ଭ କରନ୍ତୁ...





ମୁଁ ଏକ ମେଷରକ୍ଷକ ବାଳକକୁ ଦେଖିପାରୁଛି । ତା'ର ନାମ ହେଉଛି ଦାଉଦ ।
ଦାଉଦ ଅବ୍ରହାମଙ୍କ ପରିବାରରୁ ଆସିଛନ୍ତି ।
ଅନେକ ବର୍ଷ ବିତିଗଲା । ବର୍ତ୍ତମାନ ମେଷରକ୍ଷକ ବାଳକ ଦାଉଦ ରାଜା ହୋଇଅଛନ୍ତି ।
ରାଜା ଦାଉଦ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କରିବାର ମୁଁ ଶୁଣିପାରୁଛି ।
'ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ ମୋ' ପାଇଁ ସବୁକିଛି ।
ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ ମୋତେ ଜୀବନ ଦିଅ ।
ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ ମୋତେ ଶାନ୍ତି ଦିଅ ।



ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ ମୋତେ ଉଦ୍ଧାର କରନ୍ତୁ ।
ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ ମୋତେ ସୁରକ୍ଷା ପ୍ରଦାନ କରନ୍ତୁ ।
ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ ମୋତେ ପ୍ରେମ କରନ୍ତୁ ।
ସୃଷ୍ଟିକର୍ତ୍ତା ଈଶ୍ୱର, ତୁମେ ଚିରଦିନ, ଚିରଦିନ, ଚିରଦିନ ପାଇଁ ମୋ' ସହିତ ରହିଛ ।




ସୃଷ୍ଟିକର୍ତ୍ତା ଈଶ୍ୱର ରାଜା ଦାଉଦଙ୍କୁ କହିବାର ମୁଁ ଶୁଣିପାରୁଛି ।
'ତୁମର ପରିବାର ଦ୍ୱାରା ଚିରଦିନ ପାଇଁ ଓ ଚିରଦିନ ପାଇଁ ଏବଂ ଚିରଦିନ ପାଇଁ ଆମେ ସମସ୍ତଙ୍କୁ ଉଦ୍ଧାର କରିବା ।'
ସୃଷ୍ଟିକର୍ତ୍ତା ଈଶ୍ୱର ଆସୁଅଛନ୍ତି ।
**କାହାଣୀଟି ଚିତ୍ର ଆକାରରେ ଆଙ୍କିବା ପାଇଁ ପିଲାଙ୍କୁ କହନ୍ତୁ ।**

# ପାଠ 7







## ଅଭିନୟ ସଙ୍ଗୀତ

***ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ଜୀବନ ପ୍ରଦାନ କରନ୍ତି, ବିଷୟ ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ***

ପ୍ରଭୁ ଆମକୁ ପ୍ରାଣ ଦେଲେ – (x4)
ତେଣୁ ମୁଁ ଗାଇବି ଏହା ମୁଁ କହିବି
ପ୍ରଭୁ ଆମର ସୃଷ୍ଟିକର୍ତ୍ତା (x2)
ହାଲେଲ୍ଲୁୟା ... ଆମେନ୍ ... ହାଲେଲ୍ଲୁୟା (x2)

ପ୍ରଭୁ ଆମକୁ ସୁସ୍ଥ କଲେ – (x4)
ତେଣୁ ମୁଁ ଗାଇବି ଏହା ମୁଁ କହିବି
ପ୍ରଭୁ ଆମର ତ୍ରାଣକର୍ତ୍ତା (x2)
ହାଲେଲ୍ଲୁୟା ... ଆମେନ୍ ... ହାଲେଲ୍ଲୁୟା (x2)

ପ୍ରଭୁ ଆମକୁ ଶାନ୍ତି ଦେଲେ – (x4)
ତେଣୁ ମୁଁ ଗାଇବି ଏହା ମୁଁ କହିବି
ପ୍ରଭୁ ଆମର ଶାନ୍ତିଦାତା (x2)
ହାଲେଲ୍ଲୁୟା ... ଆମେନ୍ ... ହାଲେଲ୍ଲୁୟା (x2)

ପ୍ରଭୁ ଆମକୁ ଖୁସି ଦେଲେ – (x4)
ତେଣୁ ମୁଁ ଗାଇବି ଏହା ମୁଁ କହିବି
ପ୍ରଭୁ ଆମର ମୁକ୍ତିଦାତା (x2)
ହାଲେଲ୍ଲୁୟା ... ଆମେନ୍ ... ହାଲେଲ୍ଲୁୟା (x2)

## ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମରେ ଶିକ୍ଷା

***ସୃଷ୍ଟିକର୍ତ୍ତା ଈଶ୍ୱର ଯେ ମୋତେ ଜୀବନ ପ୍ରଦାନ କରନ୍ତି, ଏହି ବିଷୟକୁ ବୁଝାଇବା ଭଳି ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମ ବ୍ୟବହାର କରନ୍ତୁ ।***

**ଉପକରଣ :** ବେଲୁନ୍ ।

ପବନ ପୁରାଯାଇ ନ ଥିବା ବେଲୁନ୍‌କୁ ଭୂମିରେ ପକାଇ ପିଲାଙ୍କୁ କହନ୍ତୁ, 'ଦେଖିଲ, ଏଇ ବେଲୁନ୍‌ରେ ପବନ ନାହିଁ?  ଏହାର ଗତି ନାହିଁ, ଏହା କାର୍ଯ୍ୟକ୍ଷମ ନୁହେଁ । ବର୍ତ୍ତମାନ ଦେଖ ।'

ବେଲୁନ୍‌ରେ ପବନ ଭର୍ତ୍ତି କରି ଗଣ୍ଠି ପକାନ୍ତୁ ଯେପରି ପବନ ବାହାରି ନ ଯାଏ ।  ପିଲାଙ୍କୁ କହନ୍ତୁ, 'ଦେଖ, ମୁଁ କେମିତି ବେଲୁନ୍ ଭିତରେ ପବନ ଭର୍ତ୍ତି କରିଛି ।  ବର୍ତ୍ତମାନ ବେଲୁନ୍ ଗତିଶୀଳ ଓ ନାଚି ନାଚି ଗତି କରୁଛି ।  ଯେତେବେଳେ ସୃଷ୍ଟିକର୍ତ୍ତା ଈଶ୍ୱର ପ୍ରଥମ ମଣିଷ ଆଦମ ଓ ପ୍ରଥମ ନାରୀ ହବାଙ୍କୁ ସୃଷ୍ଟି କଲେ, ସେମାନଙ୍କ ନାସିକା ରନ୍ଧ୍ରରେ ପ୍ରାଣବାୟୁ ଦେଇ ଫୁଙ୍କ ଦେଲେ, ସେତେବେଳେ ସେମାନେ ଜୀବିତ ପ୍ରାଣୀ ହେଲେ ।  ସ୍ରଷ୍ଟା ଈଶ୍ୱର ଆମ୍ଭମାନଙ୍କୁ ଜୀବନ ପ୍ରଦାନ କରନ୍ତି ।

## ମୁଖସ୍ଥ ପଦ ଧନ୍ଦା

***'ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ଜୀବନ ପ୍ରଦାନ କରନ୍ତି' ଭାବଧାରାକୁ ଶିକ୍ଷା ଦେଉଥିବା ପଦ ବ୍ୟବହାର କରନ୍ତୁ***

'ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଅନ୍ୟ ନାମ ସଦାପ୍ରଭୁ,' ଉକ୍ତିର ତାତ୍ପର୍ଯ୍ୟ ପିଲାଙ୍କୁ କହନ୍ତୁ ।

**ଗୀତ 23:6** *ନିଶ୍ଚୟ ଧାର୍ମିକତା, ମଙ୍ଗଳ ଓ ଦୟା ମୋର ଅବଶିଷ୍ଟ ଜୀବନର ପଶ୍ଚାଦ୍‌ଗାମୀ ହେବ । ମୁଁ ଶେଷରେ ସଦାପ୍ରଭୁଙ୍କ ଉପାସନା ମନ୍ଦିରରେ ସବୁଦିନ ପାଇଁ ବାସ କରିବି ।'*

# ପାଠ 7

## ବିନା ଶବ୍ଦର ପ୍ରତିଯୋଗିତା

ପିଲାଙ୍କୁ ନେଇ ଦୁଇଟି ଦଳ କରନ୍ତୁ । ପ୍ରଥମ ଦଳରେ ଜଣେ ନେତା ଚୟନ କରିବାକୁ ଦଳକୁ ନିର୍ଦ୍ଦେଶ ଦିଅନ୍ତୁ । ପ୍ରଥମ ଦଳର ନେତା ଆଗକୁ ଆସିବା ପରେ ତାକୁ ମୁଖସ୍ଥ ପଦର ପ୍ରଥମ ଭାଗର ଅଂଶ କହି ଦିଅନ୍ତୁ । 'ନିଶ୍ଚୟ ଧାର୍ମିକତା, ମଙ୍ଗଳ ଓ ଦୟା (ସୃଷ୍ଟିକର୍ତ୍ତା ଈଶ୍ୱର) ମୋର ଅବଶିଷ୍ଟ ଜୀବନର ପଶ୍ଚାଦ୍‌ଗାମୀ ହେବ ।' ଏହି ଅଂଶ ଅନ୍ୟ ପିଲାମାନେ ଆଉ କେହି ଯେମିତି ଶୁଣିବେ ନାହିଁ । ପ୍ରଥମ ଦଳର ନେତାକୁ (କଥା ନ କହି) ମୁଖସ୍ଥ ପଦ ଉପରେ ଏକ ନାଟକ ଉପସ୍ଥାପନ କରିବାକୁ କହନ୍ତୁ ।  ସେଥିରେ ପ୍ରଥମ ଦଳର ପିଲାମାନେ ଅନୁମାନ କରି ପଦଟି କହିବା ପାଇଁ ଚେଷ୍ଟା କରନ୍ତୁ ।

କିଛି ସମୟ ମଧ୍ୟରେ ଯଦି ପ୍ରଥମ ଦଳ ତାହା ଅନୁମାନ କରି କହିପାରିଲା ନାହିଁ ତେବେ ଦ୍ୱିତୀୟ ଦଳର ପିଲାଙ୍କୁ ଅନୁମାନ କରି କହିବା ପାଇଁ ସୁଯୋଗ ଦିଅନ୍ତୁ । ଯଦି କିଛି ସମୟ ପରେ ଦ୍ୱିତୀୟ ଦଳ ଅନୁମାନ କରି କହି ନ ପାରନ୍ତି, ତେବେ ସାହାଯ୍ୟ ପୂର୍ବକ କିଛି ସଙ୍କେତ ପ୍ରଦାନ କରନ୍ତୁ ।

ଆପଣ ପଦର ବାକ୍ୟାଂଶ ପିଲାଙ୍କୁ କହିସାରିବା ପରେ ବା ସେମାନଙ୍କ ଅନୁମାନ ସଠିକ୍ ହେବା ପରେ ଦ୍ୱିତୀୟ ଦଳର ନେତା ଆଗକୁ ଆସିବ ।  ସେହି ନେତାକୁ ମୁଖସ୍ଥ ପଦର ଦ୍ୱିତୀୟ ଭାଗ, 'ମୁଁ ଶେଷରେ ସଦାପ୍ରଭୁଙ୍କ (ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ) ଉପାସନା ମନ୍ଦିରରେ ସବୁଦିନ ପାଇଁ ବାସ କରିବି ।' କହି ଦିଅନ୍ତୁ ।  ଅନ୍ୟ ପିଲାମାନେ ଯେମିତି ତାହା ଶୁଣିବେ ନାହିଁ ।  ଦ୍ୱିତୀୟ ଦଳର ନେତାକୁ ସେହି ଦ୍ୱିତୀୟ ଭାଗ ପଦର ଦ୍ୱିତୀୟ ଅଂଶ ଉପରେ ଏକ ନାଟକ ପ୍ରସ୍ତୁତ କରିବାକୁ କହନ୍ତୁ (କଥା ନ କହି) ।  ଦ୍ୱିତୀୟ ଦଳର ପିଲାମାନେ ଅନୁମାନ କରି ପଦଟି କହିବାକୁ ଚେଷ୍ଟା କରନ୍ତୁ ।

କିଛି ସମୟ ମଧ୍ୟରେ ଯଦି ଦ୍ୱିତୀୟ ଦଳ ଅନୁମାନ କରି କହିପାରିଲା ନାହିଁ, ତେବେ ପ୍ରଥମ ଦଳର ପିଲାମାନଙ୍କୁ ଅନୁମାନ କରି କହିବା ପାଇଁ ସୁଯୋଗ ଦିଅନ୍ତୁ । କିଛି ସମୟ ପରେ ଯଦି ପ୍ରଥମ ଦଳ ଅନୁମାନ କରିପାରୁ ନାହାନ୍ତି, ତେବେ ପିଲାମାନଙ୍କୁ ସାହାଯ୍ୟ ପୂର୍ବକ କିଛି ସଙ୍କେତ ପ୍ରଦାନ କରନ୍ତୁ ।

ଆପଣ ପଦର ଦ୍ୱିତୀୟ ଭାଗ ପିଲାଙ୍କୁ କହିବା ପରେ ବା ସେମାନଙ୍କ ଅନୁମାନ ସଠିକ୍ ହେବାପରେ ସବୁ ପିଲାମାନଙ୍କୁ ମୁଖସ୍ଥ ପଦ କହିବା ପାଇଁ ସୁଯୋଗ ଦିଅନ୍ତୁ ।

ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ଜୀବନ ଦିଅନ୍ତି

## ବ୍ୟବହାରିକ କାର୍ଯ୍ୟକାରିତା

***ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ଜୀବନ ପ୍ରଦାନ କରନ୍ତି, ଭାବଧାରାର କାର୍ଯ୍ୟକାରିତାକୁ ବ୍ୟବହାର କରନ୍ତୁ ।***

ସୃଷ୍ଟିକର୍ତ୍ତା ଈଶ୍ୱର ଆମ୍ଭମାନଙ୍କୁ ଜୀବନ ପ୍ରଦାନ କରନ୍ତି । ସେଥିପାଇଁ ତାହାଙ୍କ ଉଦ୍ଦେଶ୍ୟରେ ଆମେ ଗାୟନ କରୁ ।

**ପ୍ରାର୍ଥନା:** ସୃଷ୍ଟିକର୍ତ୍ତା ଈଶ୍ୱର, ଆପଣ ମୋତେ ପ୍ରେମ କରୁଥିବାରୁ ଓ ପ୍ରାଣବାୟୁ ଫୁଙ୍କ ଦେଇ ମୋତେ ଜୀବିତ ପ୍ରାଣୀ ଭାବରେ ସୃଷ୍ଟି କରିଥିବାରୁ ଆପଣଙ୍କ ନିକଟରେ ମୁଁ ଧନ୍ୟବାଦୀ । ଆପଣଙ୍କ ମଙ୍ଗଳ ଓ ଦୟା ସାରାଜୀବନ ତଥା ଅନନ୍ତକାଳ ପାଇଁ ମୋର ସଙ୍ଗେ ସଙ୍ଗେ ରହିଥିବ । ସେଥିପାଇଁ ମୁଁ ଧନ୍ୟବାଦ ଅର୍ପଣ କରୁଛି । ଆମେନ୍ ।

**ପୁରସ୍କାର:** ପ୍ରତ୍ୟେକ ପିଲାଙ୍କୁ ତା'ଙ୍କ ପାଇଁ ଉଦ୍ଦିଷ୍ଟ *ସୁସମ୍ବାଦ କାହାଣୀ ପୁସ୍ତିକାର ତୃତୀୟ ଖଣ୍ଡରୁ* ଗୋଟିଏ ଲେଖାଏଁ ଦିଅନ୍ତୁ । ପ୍ରତ୍ୟେକ ପିଲାଙ୍କୁ *ସୁସମ୍ବାଦ କାହାଣୀ ପୁସ୍ତିକାର ତୃତୀୟ ଖଣ୍ଡ* ପଢ଼ିବାରେ ସାହାଯ୍ୟ କରନ୍ତୁ ।